
ODIA



# ତିନି ବନ୍ଧୁ

ଇନ୍ଦୁ ହରିକୁମାର

eklavya



# ତିନି ବନ୍ଧୁ

ଇନ୍ଦୁ ହରିକୁମାର

ଅନୁବାଦ: ଅଭିଷେକ ମହାନ୍ତି

eklavya

# ତିନି ବନ୍ଧୁ

TINI BONDHU

Author: Indu Harikumar
Odia translation: Abhishek Mohanty
Illustrations: Indu Harikumar
Publication: Chetana Biswal, Bansi Sharma (Editorial support),
Indu Nair, Khizar Mohammad, Kamlesh Yadav (Production)

Odia translation of तीन दोस्त published by Eklavya Foundation.

CC BY NC ND Indu Harikumar & Eklavya Foundation, September 2025

This story may be used for non-commercial educational purposes, without any alterations as long as the author-illustrator and the publisher are credited. For any other use, please contact the publisher.

First edition: November 2025 / 1000 copies
Paper: 100 GSM Maplitho (paper) & 220 GSM Paper board (cover)
ISBN: 978-93-48176-59-2
Price: ₹ 80.00

Developed with financial support from Parag Initiative of the Tata Trusts.

Published by:
EKLAVYA FOUNDATION
Jamnalal Bajaj Parisar,
Jatkhedi, Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in | books@eklavya.in

Printed at: Box Corrugators and Offset printers, Bhopal, phone: +91 755 258 7651

ବହୁଦିନ ପୂର୍ବେ, କେବଳ ତିନୋଟି ରଙ୍ଗ ଥିଲା:
ନାଲି, ହଳଦିଆ ଏବଂ ନୀଳ ।



ସବୁ ସୁଆଦିଆ ଉପରେ ରଙ୍ଗ ଥିଲା ନାଲି,
ଟମାଟୋ ଏବଂ ଚେରିରୁ ନେଇ ସେଓ ଏବଂ କୋଳି ।



ହଳଦିଆ ରଙ୍ଗ ସୂର୍ଯ୍ୟକୁ କଲା ଉଜ୍ଜ୍ୱଳ ଚକଚକ,
ଯିଏ ସାରାଦିନ ହସି ସବୁରିଙ୍କୁ ଦେଉଥାଏ ଆଲୋକ ।





ଆକାଶ ଥିଲା ନୀଳ ଆଉ ନୀଳ ଥିଲା ସାଗର,




ପୁଣି ଗଛରୁ ଝରି ପଡୁଥିବା ବରଷା ପାଣିର ଧାର ।

ସେମାନେ ବହୁତ ଭଲ ସାଙ୍ଗ ଥିଲେ ।



ଦିନେ ସେମାନେ କହିଲେ, "ଆମକୁ ଆହୁରି ସାଙ୍ଗ ଦରକାର । ଚାଲ ନୂଆ-ନୂ ଆ ସାଙ୍ଗ ବନେଇବା ।"

ଏବଂ ସେମାନେ ନୂଆ ସାଙ୍ଗ ଖୋଜିବାକୁ ବାହାରିଲେ ।



ଆଉ ଦେଖ !

କ'ଣ ହେଲା !





ନାଲି ଏବଂ ହଳଦିଆ ଏକାଠି ଗଲେ ଆଉ ଏକ
ନୂଆ ସାଙ୍ଗ ନାରଙ୍ଗୀକୁ ପାଇଲେ ।





ହଳଦିଆ ଏବଂ ନୀଳ ଏକାଠି ଗଲେ ଆଉ ଏକ
ନୂଆ ସାଙ୍ଗ ସବୁଜକୁ ପାଇଲେ ।





ନୀଳ ଏବଂ ନାଲି ଏକାଠି ଗଲେ ଆଉ ଏକ
ନୂଆ ସାଙ୍ଗ ବାଇଗଣୀକୁ ପାଇଲେ ।



ଏବଂ ଏହିପରି ସେମାନେ ଦୁନିଆକୁ ଅଧିକ
ବନ୍ଧୁତ୍ୱପୂର୍ଣ୍ଣ ଏବଂ ରଙ୍ଗୀନ କରିଦେଲେ ।

ଇନ୍ଦୁ ହରିକୁମାର ଫ୍ୟାଶନ ଏବଂ ଇତିହାସ ଶାସ୍ତ୍ର ଅଧ୍ୟୟନ କରିଛନ୍ତି । ସେ ସଂଯୋଗବଶତଃ ଚିତ୍ର ପୁସ୍ତକର ଦୁନିଆରେ ପଡ଼ିଗଲେ ।

ଜଣେ ପ୍ରଖ୍ୟାତ ବ୍ଲଗର ଭାବରେ, ସେ ବିଭିନ୍ନ ପ୍ରକାଶନ ସଂସ୍ଥା ଯଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ସଂସ୍ଥା ଏବଂ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ପାଇଁ ଲେଖିଛନ୍ତି ଏବଂ ଚିତ୍ରଣ କରିଛନ୍ତି ।

ସେ ଅଳିଆ ଆବର୍ଜନାର ଉପଯୋଗୀ ପୁନଃନିର୍ମାଣ କରିବାକୁ ପସନ୍ଦ କରନ୍ତି ଏବଂ ନିଜକୁ ଜଣେ କପଡ଼ା ପ୍ରେମୀ ବୋଲି କୁହନ୍ତି ।

ଏହି ପୁସ୍ତକଟିକୁ କପଡ଼ା ଉପରେ କପଡ଼ାରଙ୍ଗ ଏବଂ ଏମ୍ବ୍ରୋଡେରୀ ବ୍ୟବହାର କରି ସୃଷ୍ଟି ଏବଂ ଚିତ୍ରଣ କରାଯାଇଛି ।

ନାଲି, ହଳଦିଆ ଏବଂ ନୀଳ ନୂଆ ନୂଆ ବନ୍ଧୁ
ଖୋଜିବାକୁ ଯାଆନ୍ତି ।
ସେମାନେ କ'ଣ ପାଆନ୍ତି ?
ସେମାନଙ୍କର ରଙ୍ଗୀନ ଯାତ୍ରାରେ ସେମାନଙ୍କ ସହିତ
ଯୋଗଦିଅ ।

parag
AN INITIATIVE OF TATA TRUSTS
eklavya

ମୂଲ୍ୟ: ₹ 80.00

9 789348 176592